ମ୍ବାଦ BUSINESS NEWS
୮ ଫେବୃଆରି ୨୦୧୦

# 'ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ଦକ୍ଷ ଶିକ୍ଷକ'




ଭୁବନେଶ୍ୱର ୭/୨ (ଇମିସ): ରାଜ୍ୟରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଅଧିକ ଦକ୍ଷ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ। ଶିକ୍ଷକଙ୍କ ଭୂମିକା କେବଳ ପାଠ୍ୟକ୍ରମରେ ସୀମିତ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ବଜାର ପାଇଁ ପ୍ରସ୍ତୁତ କରାଇବା କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଚ୍ଚ ଶିକ୍ଷା କମିସନର ତଥା ସଚିବ ମଧୁସୂଦନ ପାଢ଼ି କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ସେ ଏହା ପ୍ରକାଶ କରିଛନ୍ତି। ସଂପ୍ରତି ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ଉପଯୁକ୍ତ ଶିକ୍ଷକ ଚୟନ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡି ପି ରାୟ କହିଲେ ଯେ କିଛି ବର୍ଷ ପୂର୍ବରୁ ବୈଷୟିକ ଉଚ୍ଚ ଶିକ୍ଷା ହାସଲ କରିବାକୁ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବହୁ ଖର୍ଚ୍ଚାନ୍ତ ହୋଇ ବାହାର ରାଜ୍ୟକୁ ଯିବାକୁ ହେଉଥିଲା। ଏବେ କିନ୍ତୁ ଘରୋଇ ଉଦ୍ୟମରେ ଉଚ୍ଚ ଶିକ୍ଷା ପାଇଁ ରାଜ୍ୟରେ ସୁଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା ହୋଇପାରିଛି। ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଚ୍ଚ ଶିକ୍ଷା ଟାସ୍କଫୋର୍ସ ଅଧ୍ୟକ୍ଷ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ତ୍ରିଲୋଚନ ପ୍ରଧାନ କହିଲେ ଯେ ସଂପ୍ରତିକ ସ୍ଥିତିରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପାଠ୍ୟକ୍ରମ ଓ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ଟାସ୍କଫୋର୍ସରେ ଧ୍ୟାନ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନର ନିକୁଞ୍ଜ ସୁନ୍ଦରରାୟ ଉପସ୍ଥିତ ଥିଲେ।